NATIONAL DAIRY PLAN
MISSION MILK
THE NEXT REVOLUTION

# ରାଷ୍ଟ୍ରୀୟ ଡେ଼ୟରୀ ଯୋଜନା - ୧ ଆନୁକୂଲ୍ୟରେ

## ଘାସ ଚାଷର ଉପଯୋଗୀତା

- କଞ୍ଚାମାଲ୍‌ର ମୂଲ୍ୟବୃଦ୍ଧିହେତୁ ଗୋ ଖାଦ୍ୟର ମୂଲ୍ୟ ମଧ୍ୟ ଦିନକୁ ଦିନ ବୃଦ୍ଧି ହେବାରେ ଲାଗିଛି ।
- ଦୁଗ୍ଧ ଉତ୍ପାଦନର ଶତକଡ଼ା ୮୦% ଭାଗ ଆୟ ଗାଈର ଖାଦ୍ୟପେୟ ବାବଦକୁ ଖର୍ଚ୍ଚ ହେଇଥାଏ ।
- ଦୁଗ୍ଧ ଉତ୍ପାଦନ ଖର୍ଚ୍ଚ ହ୍ରାସ କରିବାକୁ ହେଲେ ଘାସ ଚାଷର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।
- ଘାସଚାଷ ଦ୍ୱାରା ଦୁଗ୍ଧ ଉତ୍ପାଦନ ମୂଲ୍ୟ ହାରାହାରି ୫୦% ପର୍ଯ୍ୟନ୍ତ ହ୍ରାସ କରାଯାଇ ଗୋପାଳନକୁ ଅଧିକ ଲାଭଦାୟକ କରାଯାଇପାରେ ।
- ପାଞ୍ଚ ଲିଟର ପର୍ଯ୍ୟନ୍ତ କ୍ଷୀର ଦେଉଥିବା ଗାଈକୁ କେବଳ ଘାସ ଖୁଆଇ ମଧ୍ୟ ପରିଚାଳନା କରାଯାଇପାରେ ।

## ଘାସ ଚାଷର ଉନ୍ନତ କିସମ

- ବର୍ଷ ବ୍ୟାପୀ ଘାସ -
  ହାଇବ୍ରିଡ୍ ନାପିଅର୍ (ହାତୀଆ), ପାରା
- ଋତୁକାଳୀନ ଘାସ -
  ମକା, ବରସୀମ୍, ସର୍‌ଗମ୍, ଓଟସ୍, ଲୁସର୍ଣ୍ଣ, କାଓପି

## ଖଣିଜ ମିଶ୍ରଣ ଖୁଆଇବାର ଲାଭ

- ଦୁଗ୍ଧ ଉତ୍ପାଦନରେ ବୃଦ୍ଧି ।
- ଅଣ୍ଡିରା ଓ ମାଈ ବାଛୁରୀର ପ୍ରଜନନ କ୍ଷମତାରେ ବୃଦ୍ଧି ।
- ବାଛୁରୀ ଶୀଘ୍ର ବୃଦ୍ଧି ହେବା ସହ ବୟସ୍କ ହୋଇଥାଏ ।
- ଦୁଇଟି ବାଛୁରୀ ଜନ୍ମ ବ୍ୟବଧାନରେ କମ୍ ସମୟ ।
- ପଶୁର ହଜମ କ୍ରିୟାରେ ସାହାଯ୍ୟ ।
- ଉତ୍ତମ ପ୍ରତିଷେଧକ କ୍ଷମତା ।
- ସୁସ୍ଥ ସବଳ ବାଛୁରୀ ଜନ୍ମ ଦେବା ।
- ପଶୁର ସାଧାରଣ ସ୍ୱାସ୍ଥ୍ୟରେ ଉନ୍ନତି ।
- ନିର୍ଦ୍ଦିଷ୍ଟ ଅଂଚଳ ପାଇଁ ତିଆରି ହୋଇଥିବା ଖଣିଜ ଲବଣ କମ୍ ଖର୍ଚ୍ଚ ଓ ଅଧିକ ପ୍ରଭାବଶଳୀ ହୋଇଥାଏ ।

## ଖଣିଜ ମିଶ୍ରଣ ଖୁଆଇବାର ପଦ୍ଧତି

ଖଣିଜ ମିଶ୍ରଣକୁ ଦାନା ସହିତ ମିଶାଇ କିମ୍ବା ୧୫-୨୦ ଗ୍ରାମ ସାଧାରଣ ଲୁଣ ସହ ମିଶାଇ ପଶୁକୁ ଖାଇବାକୁ ଦିଆଯାଇପାରେ । ସାଧାରଣତଃ, ମିଶ୍ରିତ ଗୋଖାଦ୍ୟରେ ଖଣିଜ ମିଶ୍ରଣ ମିଶାଯାଇଥାଏ । ତଥାପି ଅତିରିକ୍ତ ଆବଶ୍ୟକତା ପାଇଁ ଖଣିଜ ମିଶ୍ରଣ ଖୁଆଇ ତାହା ପୂରଣ କରାଯାଇଥାଏ ।

ସୌଜନ୍ୟ :

**ସମଲେଶ୍ୱରୀ ଆଞ୍ଚଳିକ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ**
**ସମ୍ବଲପୁର**

omfed

SAMUL